# ବସନ୍ତବାବୁଙ୍କ କାଳି ଗାଈ ଦୁହାଁ

୦୪/୦୬/୧୯୯୫

ମେ ମାସ ୩୦ ତାରିଖଠାରୁ ସରକାର ଶତକଡ଼ା ୨ ଭାଗ ଅତିରିକ୍ତ ବିକ୍ରୟ କର ଲାଗୁ କରିବାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହାକୁ ସହଜରେ ଗ୍ରହଣ କରି ହେଉନାହିଁ । ପୁଣି ଯେଉଁ ସମୟରେ, ଯେପରି ଭାବରେ ଏବଂ ଯେଉଁ ଉଦ୍ଦେଶ୍ୟ ସାଧନ କଥା କହି ଉପମୁଖ୍ୟମନ୍ତ୍ରୀ ବା ଅର୍ଥମନ୍ତ୍ରୀ ଏହାକୁ ସମର୍ଥନ କରିବାପାଇଁ ଆହ୍ୱାନ ଦେଇଛନ୍ତି ତାହା ତାଙ୍କ ଯୁକ୍ତିକୁ ଅଧିକ ଦୁର୍ବଳ କରୁଛି । ଅସଲ ଉଦ୍ଦେଶ୍ୟ ପୂରଣ ହେବା କଥା ଦୂରେ ଥାଉ ଅନେକ ଏହାକୁ ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିବାପାଇଁ ଆରମ୍ଭ କଲେଣି ।

ଆମ ଓଡ଼ିଶାରେ ଅର୍ଦ୍ଧାଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବାରୁ, ପୁଣି ଶତକଡ଼ା ୪୦ ଭାଗରୁ ଅଧିକ ବନବାସୀ ଓ ହରିଜନ ଭାଇଭଉଣୀ ହୋଇଥିବାରୁ ଏମାନଙ୍କର ସାମାଜିକ ସୁରକ୍ଷା ଏବଂ ଅର୍ଥନୈତିକ ଉନ୍ନତି ପାଇଁ ସରକାରଙ୍କର ବିଶେଷ କାର୍ଯ୍ୟକ୍ରମମାନ ହାତକୁ ନେଇ ବହୁ ଅର୍ଥ ବିନିଯୋଗ କରିବାର ଆବଶ୍ୟକତା ରହିଛି । କିନ୍ତୁ ଆଭ୍ୟନ୍ତରୀଣ ସମ୍ବଳ ଅଭାବରୁ ସଦା ଦୁର୍ବଳ ରାଜ୍ୟ ଅର୍ଥ ବ୍ୟବସ୍ଥାରେ ଏହା ଅନେକ ସମୟରେ ସମ୍ଭବ ହୋଇପାରୁନାହିଁ । ସେ ଦୃଷ୍ଟିରୁ ଅଧିକରୁ ଅଧିକ ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ କରି ଓ କେନ୍ଦ୍ର ସରକାରଙ୍କଠାରୁ ଅନୁରୂପ ଅନୁଦାନ ଆଣି ଏହି କାର୍ଯ୍ୟକ୍ରମ ଗୁଡ଼ିକୁ ହାତକୁ ନେବା ପଛରେ ଦୃଢ଼ ଯୁକ୍ତି ରହିଛି । ଗତ ପାଞ୍ଚବର୍ଷରେ ଜନତା ସରକାର କେବଳ ଲୋକ ଦେଖାଣିଆ ପ୍ରଚାର ସର୍ବସ୍ୱ କାର୍ଯ୍ୟକ୍ରମରେ ମସଗୁଲ୍ ରହି ଏ କ୍ଷେତ୍ରରେ ବହୁ ଅବହେଳା କରିଯାଇଛନ୍ତି । ପାଞ୍ଚବର୍ଷର ଅବହେଳାର ପ୍ରାୟଶ୍ଚିତ ଏ ସରକାରଙ୍କୁ କରିବାପାଇଁ ପଡ଼ିବ । ସେଥିପାଇଁ ଏକ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି । ଅପ୍ରୀତିକର ନିଷ୍ପତ୍ତି ନେଇ ଏ ଇଚ୍ଛାଶକ୍ତିକୁ ଚରିତାର୍ଥ କରିବାର ଆହ୍ୱାନ ମଧ୍ୟ ଏ ସରକାରଙ୍କୁ ଗ୍ରହଣ କରିବାକୁ ପଡ଼ିବ । ସରକାରଙ୍କର ଅତିରିକ୍ତ ବିକ୍ରିକର ଲାଗୁ ନିଷ୍ପତ୍ତି ଏବଂ ବସନ୍ତ ବାବୁଙ୍କର ଗତ ୨ ତାରିଖ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କୀୟ ସଫେଇକୁ ଯଦି ଏହାର ଏକ ନମୁନା ଭାବରେ କେହି ଗ୍ରହଣ କରୁଥାନ୍ତି ତାହାହେଲେ ସକଳ ବିନମ୍ରତାର ସହିତ କହିବାକୁ ହେବ ଯେ ଏହା ସବୁ ଦୃଷ୍ଟିରୁ ଏକ ଦୁର୍ବଳ ନମୁନା । କାରଣ ଯେଉଁପରି ଭାବରେ ୨୫ ତାରିଖରୁ ଅଧ୍ୟାଦେଶର ନିଷ୍ପତ୍ତି ନେଇ ବେଗୁନିଆ ଉପନିର୍ବାଚନ ପରେ ଏହାର ଆନୁଷ୍ଠାନିକ ଘୋଷଣା କରାଗଲା ତାହା ସରକାରଙ୍କର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ପରିଚୟ ଦେଲାନାହିଁ । ବରଂ ୨୫ ତାରିଖରେ ଏ ନିଷ୍ପତ୍ତିର ଘୋଷଣା କରିଥିଲେ ଜାନକୀବାବୁଙ୍କର ଉପନିର୍ବାଚନରେ ବିଜୟକୁ କଂଗ୍ରେସ ସରକାର ଅତିରିକ୍ତ ବିକ୍ରିକରର ଆଂଶିକ ଦୃଢ଼ୀକରଣ ହିସାବରେ ଉପସ୍ଥାପିତ କରିପାରିଥାଆନ୍ତେ । ଅବଶ୍ୟ ଯେଉଁଠି ଅସହାୟ, ଅକର୍ମଣ୍ୟ ପିଲାମାନଙ୍କ ଦେହରେ ଓ ଆସନ୍ନ ଗର୍ଭବତୀ ମାଆମାନଙ୍କ ମୁଣ୍ଡରେ ବିଭୂତି ଲଗେଇ, ନାଲିବେଡି ଛୁଆଁଇ ଏବଂ ଯାବତୀୟ କୁସଂସ୍କାରମୂଳକ କାର୍ଯ୍ୟ କରି ଭୋଟ ଭିକ୍ଷା କରିବାର ପରମ୍ପରା ସୃଷ୍ଟି ହେଲାଣି ସେଠି ଏ ଧରଣର ସାହସିକ ରାଜନୈତିକ ଇଚ୍ଛା ଶକ୍ତି ଆଶା କରିବା ବୃଥା ।

ଅତିରିକ୍ତ ବିକ୍ରିକର ନିଷ୍ପତ୍ତି ଆଉ ଗୋଟିଏ ଦୃଷ୍ଟିକୋଣରୁ ମଧ୍ୟ ଗ୍ରହଣୀୟ ହେଉନାହିଁ । ବିକ୍ରିକର କାହିଁକି, ସମସ୍ତ କର ବ୍ୟବସ୍ଥାର ସରଳୀକରଣ ଆଜି ସବୁ ସରକାରଙ୍କର ସ୍ୱୀକୃତ ଅଭିମୁଖ୍ୟ ହୋଇଛି । ଏହି ଅଭିମୁଖ୍ୟର ଅଂଶବିଶେଷ ଭାବରେ ସିଙ୍ଗଲ- ପଏଣ୍ଟ କର

## ଆମ ଘରର ହାଲଚାଲ

**ସୌମ୍ୟରଞ୍ଜନ ପଟ୍ଟନାୟକ**

ବ୍ୟବସ୍ଥାକୁ ପ୍ରାୟ ସମସ୍ତେ ଗ୍ରହଣ କରି ନେଇଛନ୍ତି । ଅର୍ଥ ବ୍ୟବସ୍ଥାର ଉଦାରୀକରଣ, ଲାଇସେନ୍ସ କୋଟା, ପରମିଟ୍‌ରାଜର ବିଲୋପ ତଥା ଅମଲାତନ୍ତ୍ରର ଅଯଥା ହସ୍ତକ୍ଷେପକୁ ରୋକିବା ପାଇଁ ଏ ଅଭିମୁଖ୍ୟ ଉପରେ ବାରମ୍ବାର ଜୋର ଦିଆଯାଉଛି । ଓଡ଼ିଶାର କଂଗ୍ରେସ ସରକାର ମନମୋହନଙ୍କର ଏ ଦୀକ୍ଷାରେ ଦୀକ୍ଷିତ ନୁହେଁ ବୋଲି କହି ହେବନାହିଁ । ତେବେ ବସନ୍ତବାବୁଙ୍କର ଏ ଓଲଟ- ଗଙ୍ଗା ଗତି କାହିଁକି ? ଅତିରିକ୍ତ ବିକ୍ରିକର ନିଷ୍ପତ୍ତି ଫଳରେ 'ସିଙ୍ଗଲ ପଏଣ୍ଟ' ବଦଳରେ ଅନ୍ୟୂନ ତିନୋଟି ସ୍ତରରେ ଏବଂ କେତେକ କ୍ଷେତ୍ରରେ ତାଂଠାରୁ ଅଧିକ ସ୍ତରରେ ଶତକଡ଼ା ଦୁଇଲେଖା କର ଭାର ଲାଗୁ ହେବ । ଫଳରେ ସରକାରଙ୍କୁ କେତେ ଅଧିକ ସମ୍ବଳ ମିଳିବ ତାହା ତ ଆମେ ଜାଣିନାହୁଁ, କିନ୍ତୁ ଏହାଦ୍ୱାରା ଯେ ହଜାର ହଜାର ଆତ୍ମନିଯୁକ୍ତ କ୍ଷୁଦ୍ର ବ୍ୟବସାୟୀ କ୍ଷତିଗ୍ରସ୍ତ ହେବେ ଏବଂ ଓଡ଼ିଶାର ପୁରପଲ୍ଲୀର ଲକ୍ଷ ଲକ୍ଷ ଖାଉଟୀ ଭାରାକ୍ରାନ୍ତ ହେବେ ଏକଥା ନିଃସନ୍ଦେହରେ କୁହାଯାଇପାରେ । ସରଚାର୍ଜ ବ୍ୟବସ୍ଥାରେ ବ୍ୟବସାୟୀମାନେ ଠକୁଛନ୍ତି ବୋଲି ସରକାର ଯୁକ୍ତି କରୁଛନ୍ତି । କାରଣ ୧୦ ଲକ୍ଷରୁ ଅଧିକ କାରବାର କରୁଥିବା ବ୍ୟବସାୟୀମାନଙ୍କ ଉପରେ ସରଚାର୍ଜ ଲାଗୁ ହୁଏ ।

ଏଥିରୁ ଖସିବା ପାଇଁ ଚତୁର ବ୍ୟବସାୟୀମାନେ ତାଙ୍କର ବଡ ବ୍ୟବସାୟକୁ ଭାଗ ଭାଗ କରି ୧୦ ଲକ୍ଷରୁ କମ୍ କାରବାର ହେଉଥିବା କ୍ଷୁଦ୍ର ବ୍ୟବସାୟରେ ପରିଣତ କରିବା ଫଳରେ ସରକାର ତାଙ୍କର ନ୍ୟାଯ୍ୟୋଚିତ ରାଜସ୍ୱରୁ ବଞ୍ଚିତ ହେଉଛନ୍ତି । ତେବେ ଗତ ୫ ବର୍ଷ ଧରି ସରକାରୀ ଓ ବେସରକାରୀ ସ୍ତରରେ ନିଯୁକ୍ତିର କୌଣସି ସମ୍ଭାବନା ସୃଷ୍ଟି ହୋଇନଥିବା ପରିପ୍ରେକ୍ଷୀରେ ଏବଂ ଲକ୍ଷାଧିକ ଶିକ୍ଷିତ ବେକାର ଆତ୍ମବିଶ୍ୱାସ ହରାଇ ଏକ ସାମାଜିକ ବିସ୍ଫୋରଣର ଉପାଦାନ ହୋଇ ମୁଣ୍ଡ ଟେକୁଥିବା ବେଳେ ସଂଖ୍ୟାଧିକ କ୍ଷୁଦ୍ର ବ୍ୟବସାୟରେ ଆତ୍ମନିଯୁକ୍ତି ଏବଂ ପରୋକ୍ଷ ନିଯୁକ୍ତିର ସମ୍ଭାବନାକୁ ଯଦି ୮୦ କୋଟି ଟଙ୍କାର ବିକଳ୍ପ ଭାବରେ ଗ୍ରହଣ କରାଯାଏ ତାହାହେଲେ କେଉଁଟି ଅଧିକ ଗ୍ରହଣୀୟ ହେବ ? ପୁଣି ଏକାଧିକ ସ୍ତରରେ ଟିକସ ଲାଗୁ କରିଦେଲେ ଯେ ଅଧିକ ରାଜସ୍ୱ ଆଦାୟ ହୋଇପାରିବ, ଏହା ଏକ ଉଦ୍ଭଟ ଚିନ୍ତା । ସରକାର ନିଜ ଅନୁଭୂତିରୁ କିଛି ଶିଖିଛନ୍ତି ବୋଲି କହିହେଉନାହିଁ । ଆମର ଅମଲାତନ୍ତ୍ର ସରକାରଙ୍କୁ ଉଚିତ୍ ପରାମର୍ଶ ଦେଇଛନ୍ତି କି ନାହିଁ ସେ ନେଇ ମଧ୍ୟ ସନ୍ଦେହ ହେଉଛି । କାରଣ, ଆଜି ଶତକଡ଼ା ୨ କିମ୍ବା ୪ ଭାଗ ଦର ରିହାତି ପାଇଁ ଖାଉଟି ଶହଶହ ମାଇଲ ଦୂରରେ ଥିବା ଏକ ବିଦେଶୀ ବଜାରରୁ ଜିନିଷ କିଣିବା ପାଇଁ ଅଧିକ ମନ ବଳାଉଛି । ସେଥିପାଇଁ ରାଜ୍ୟ- ରାଜ୍ୟ ମଧ୍ୟରେ ଅଯଥା ଏକ ଅସ୍ୱାସ୍ଥ୍ୟକର ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି । ଓଡ଼ିଶାର ବିକ୍ରୀକର ହାର ପ୍ରତିବେଶୀ ରାଜ୍ୟମାନଙ୍କରେ ପ୍ରଚଳିତ ହାରଠାରୁ ଅଧିକାଂଶ କ୍ଷେତ୍ରରେ ଅଧିକ ହୋଇଥିବାରୁ ଓଡ଼ିଶା ବାହାରକୁ ଶତକଡ଼ା ୩୦ ଭାଗ କାରବାର ଚାଲିଯାଉଛି । ଲୁଣା, ସ୍କୁଟରଠାରୁ ଆରମ୍ଭ କରି ପାଉଡର, ସାବୁନ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉପରେ ଓଡ଼ିଶା ସରକାରଙ୍କର କରଭାର ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଏବଂ ମଧ୍ୟପ୍ରଦେଶଠାରୁ ଯଥେଷ୍ଟ ଅଧିକ । ସରକାର ଏ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସର୍ଭେ ବା ଅନୁସନ୍ଧାନ କରିବା ଦରକାର । ବିକ୍ରୀକରର ହାର କମ୍ ହୋଇଥିଲେ କାରବାର ବଢ଼ିବା ସାଙ୍ଗକୁ କର ଆଦାୟ ବଢେ ସିନା, କମେ ନାହିଁ । ଏ ଅନୁଭବ ଆମ ସରକାରଙ୍କର ନଥାଇପାରେ, କିନ୍ତୁ ଯେଉଁମାନଙ୍କର ଅଛି ତାଙ୍କଠାରୁ ଶିକ୍ଷା କରିବାରେ ଏତେ କୁଣ୍ଠା କାହିଁକି ? ଯେଉଁଠି ଶତକଡ଼ା ଦୁଇଚାରି ଭାଗ ରିହାତି ପାଇବା ପାଇଁ ଖାଉଟୀଟି ରାଜ୍ୟ ସୀମା ବାହାରକୁ ଯିବାପାଇଁ ମଧ୍ୟ ପଛଉନାହିଁ, ସେଠି ଓଡ଼ିଶାର ପୁରପଲ୍ଲୀରେ କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ କିଏ ବା କାହିଁକି ଜିନିଷ କିଣିବ ? ସରକାରଙ୍କର ଏ ନିଷ୍ପତ୍ତି ଗାଁ ଗହଳରେ ଗଢି ଉଠିଥିବା ନୂଆ ନୂଆ ବଜାରକୁ ଯେ କେବଳ ସଙ୍କୁଚିତ କରିବ ତା ନୁହେଁ, ସରକାରଙ୍କର ଅଧିକ ରାଜସ୍ୱ ଆଦାୟର ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯିବ । ସରକାର ଏ କ୍ଷେତ୍ରରେ ଏକ ଚିନ୍ତା ବିଭ୍ରାଟର ଶିକାର ହୋଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଦୁଧିଆଳୀ କାଳିଗାଈକୁ ଏକାଥରେ ନ ଦୁହିଁ ଯଦି କିଛି କିଛି ସମୟ ବ୍ୟବଧାନରେ ବାରମ୍ବାର ଦୁହାଁ ଯାଏ ତାହାହେଲେ ସେ ଅଧିକ କ୍ଷୀର ଦେବ ବୋଲି ଭାବିବା ଯାହା ସରକାରଙ୍କର ଅତିରିକ୍ତ ବିକ୍ରିକର ନିଷ୍ପତ୍ତିଟି ଠିକ୍ ସେଇଆ । ଏହାଦ୍ୱାରା ବରଂ ବିକ୍ରିକର ବିଭାଗ ଓଜନ ଓ ମାପ ବିଭାଗର କୁଢ଼ି କର୍ମଚାରୀମାନେ ଅଧିକ ଲାଭବାନ୍ ହେବେ ଏବଂ ଏକ ଉଦାର ବ୍ୟବସ୍ଥା କଠୋର ହେବ ସିନା ଅସଲ ଉଦ୍ଦେଶ୍ୟ ଆଦୌ ସାଧିତ ହେବନାହିଁ । ଯଦି ସରକାରଙ୍କର ରାଜସ୍ୱ ବଢେଇବା ପାଇଁ ଏତେ ଆଗ୍ରହ ଅଛି ତାହାହେଲେ ବିକ୍ରିକର କଥା ପଛକୁ ରଖି ଶୀଘ୍ର ଅବକାରୀ ନୀତି ଘୋଷଣା କରନ୍ତୁ । ଗତ ସରକାରଙ୍କର ବିଭ୍ରାନ୍ତିକର ଅବକାରୀ ନୀତି ଯୋଗୁ ୪୦ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି । ଅବକାରୀ, ପୁଲିସ ଏବଂ କୁଜିନେତାମାନଙ୍କର ପକେଟ ଗରମ ହୋଇଛି ଏବଂ ସମାଜରେ ଅସାମାଜିକ ତତ୍ତ୍ୱ ଗୁଡ଼ିକର ଶକ୍ତିବୃଦ୍ଧି ହୋଇଛି । ଅଧିକ ସମ୍ବଳ ସଂଗ୍ରହ କରି ରାଜନୈତିକ ଇଚ୍ଛା ଶକ୍ତିର ପ୍ରମାଣ ଦେବାର କ୍ଷେତ୍ର ବିକ୍ରିକର ବିଭାଗ ନୁହେଁ, ଅବକାରୀ ବିଭାଗ ।